# ‘ଚାକିରି ସନ୍ଧାନକାରୀ ନୁହେଁ, ସୃଷ୍ଟିକାରୀ ହୁଅ’

## ଭିସୁଟ୍‌ର ୧୮ତମ ସମାବର୍ତ୍ତନ ଉତ୍ସବ




ଭିସୁଟ୍ ସମାବର୍ତ୍ତନ ଉତ୍ସବରେ ବିଶ୍ୱବିଦ୍ୟାଳୟର ବାର୍ଷିକ ପତ୍ରିକାକୁ ଅତିଥିମାନେ ଉନ୍ମୋଚନ କରୁଛନ୍ତି।

**ସମ୍ବଲପୁର, ୨୧।୧୧(ପ୍ରମୋଦ ବହିଦାର)**

ଚାକିରି ଅନୁସନ୍ଧାନକାରୀ ନୁହେଁ, ବରଂ ଚାକିରି ସୃଷ୍ଟିକର୍ତ୍ତା ଓ ସମସ୍ୟା ସମାଧାନକାରୀ ହୁଅ ବୋଲି ଉପସ୍ଥିତ ଛାତ୍ରୀଛାତ୍ରମାନଙ୍କୁ ଆହ୍ୱାନ ଦେଇଛନ୍ତି ଭାରତୀୟ ପାଣିପାଗ ବିଜ୍ଞାନ ବିଭାଗ(ଆଇଏମ୍‌ଡି) ମହାନିର୍ଦ୍ଦେଶକ(ଡିଜି) ଡ. ମୃତ୍ୟୁଞ୍ଜୟ ମହାପାତ୍ର। ବୁର୍ଲାସ୍ଥିତ ବୀର ସୁରେନ୍ଦ୍ର ସାଏ ବୈଷୟିକ ବିଶ୍ୱବିଦ୍ୟାଳୟ(ଭିସୁଟ୍)ର ଶନିବାର ଅନୁଷ୍ଠିତ ୧୮ତମ ବାର୍ଷିକ ସମାବର୍ତ୍ତନ ସମାରୋହରେ ଆଇଏମ୍‌ଡି ମହାନିର୍ଦ୍ଦେଶକ ତଥା ବିଶ୍ୱ ପାଣିପାଗ ସଙ୍ଗଠନ(ଡବ୍ଲ୍ୟୁଏମ୍‌ଓ)ର ତୃତୀୟ ଉପାଧ୍ୟକ୍ଷ ଡ. ମହାପାତ୍ର ମୁଖ୍ୟଅତିଥି ଭାବେ ଯୋଗଦେଇ ଏହା କହିଛନ୍ତି। ଏହି ପରିପ୍ରେକ୍ଷୀରେ ଭିସୁଟ୍ ପରିସରସ୍ଥ ସାର୍ ବିଶ୍ୱେଶ୍ୱରାୟା ପ୍ରେକ୍ଷାଳୟରେ ଭିସୁଟ୍ କୁଳପତି ପ୍ରଫେସର ଡ. ଦୀପକ କୁମାର ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉତ୍ସବରେ ଡ. ମହାପାତ୍ର ସ୍ନାତକ ଛାତ୍ରୀଛାତ୍ରଙ୍କୁ ଉଦ୍‌ବୋଧନ ଦେଇ ଓଡ଼ିଶା ତଥା ସମଗ୍ର ଭାରତରେ ସ୍ୱାସ୍ଥ୍ୟସେବା, କୃଷି, ଜଳବାୟୁ ସହନଶୀଳତା ଏବଂ ଗ୍ରାମୀଣ ଭିତ୍ତିଭୂମି କ୍ଷେତ୍ରରେ ଦେଖାଦେଇଥିବା ସ୍ଥାନୀୟ ଆହ୍ୱାନଗୁଡ଼ିକ ପାଇଁ ବ୍ୟାପକ ଓ ସୁଲଭ ସମାଧାନ ପ୍ରସ୍ତୁତ କରିବାକୁ ସେ ପରାମର୍ଶ ଦେଇଥିଲେ। ସେହିପରି ନବସୃଜନ, ନୈତିକତା ଓ ନମ୍ରତା ସହ ନେତୃତ୍ୱ ନେବା, ନିଜ ମୂଳ ସହ ଯୋଡ଼ିହୋଇ ରହିବା ଏବଂ ସମାଜ, ଶିକ୍ଷାନୁଷ୍ଠାନକୁ ପ୍ରତିଦାନ ଦେବା ଉପରେ ସେ ଗୁରୁତ୍ୱାରୋପ କରିଛନ୍ତି। ଉଦ୍ଦେଶ୍ୟ ଓ ସହାନୁଭୂତି ନେଇ କାର୍ଯ୍ୟ କରିବା ଏବଂ କୃତ୍ରିମ ବୁଦ୍ଧିମତ୍ତା(ଏଆଇ), ସ୍ଥାୟୀ ଶକ୍ତି, ମହାକାଶ ପ୍ରଯୁକ୍ତିବିଦ୍ୟା ଭଳି ଦ୍ରୁତ ପରିବର୍ତ୍ତନଶୀଳ କ୍ଷେତ୍ରରେ ନିରନ୍ତର ଶିକ୍ଷାର୍ଥୀ ହୋଇ ରହିବାକୁ ସେ ଛାତ୍ରୀଛାତ୍ରଙ୍କୁ ପରାମର୍ଶ ଦେଇଛନ୍ତି। ଏହି ଅବସରରେ ହୀରାକୁଦ ବନ୍ଧର ଛାୟା ତଳେ ବୁର୍ଲାରେ ଛିଡ଼ା ହୋଇଥିବା ଏହି ବିଶ୍ୱବିଦ୍ୟାଳୟର ୭୦ ବର୍ଷର ଐତିହ୍ୟ, ବୀର ସୁରେନ୍ଦ୍ର ସାଏଙ୍କ ସଂଗ୍ରାମ ଏବଂ ମାତାପିତା ଓ ଶିକ୍ଷକମାନଙ୍କ ତ୍ୟାଗକୁ ସେ ସ୍ମରଣ କରିଛନ୍ତି। ସମ୍ବଲପୁର ଏଜୁକେଶନାଲ ଆଣ୍ଡ ରିସର୍ଚ୍ଚ କ୍ଲଷ୍ଟର ହାର୍ବର(ଏସ୍‌ଇଏଆର୍‌ସିଏଚ୍) ଗଠନ, ସାତଟି ବିଶ୍ୱବିଦ୍ୟାଳୟ ସହ ଏମ୍‌ଓୟୁ, ଏଏନ୍‌ଆର୍‌ଏଫ୍‌ର ପେୟାର ପ୍ରକଳ୍ପ, ୫୫୦ରୁ ଅଧିକ ଗବେଷଣାପତ୍ର ପ୍ରକାଶନ, ୧୬ଟି ପେଟେଣ୍ଟ, ଛାତ୍ରୀଛାତ୍ରଙ୍କ ୨୫ ହଜାରରୁ ଅଧିକ ପ୍ରକଳ୍ପ ପ୍ରସ୍ତାବ ଏବଂ ନୂତନ ୟୁଜି ଓ ଏମ୍‌ଟେକ୍ ପାଠ୍ୟକ୍ରମ ଆରମ୍ଭ ପାଇଁ ସେ ବିଶ୍ୱବିଦ୍ୟାଳୟକୁ ପ୍ରଶଂସା କରିଛନ୍ତି। ଏହି ଅବସରରେ ଅତିଥିମାନେ ବିଶ୍ୱବିଦ୍ୟାଳୟ ବାର୍ଷିକ ପତ୍ରିକା ‘ସିଦ୍ଧି’ ଉନ୍ମୋଚନ କରିଥିଲେ। ଉତ୍ସବରେ ଅନ୍ୟମାନଙ୍କ ମଧ୍ୟରେ କୁଳସଚିବ ପ୍ରଦୀପ କୁମାର ଡାଙ୍ଗଙ୍କ ସମେତ ବିଭିନ୍ନ ବିଭାଗୀୟ ମୁଖ୍ୟ ଡିନ୍ ଓ ବୋର୍ଡ ସଦସ୍ୟମାନେ ଉପସ୍ଥିତ ଥିଲେ। ଉଲ୍ଲେଖଯୋଗ୍ୟ, ଅନିବାର୍ଯ୍ୟକାରଣ ବଶତଃ ଓଡ଼ିଶାର ରାଜ୍ୟପାଳ ତଥା ବିଶ୍ୱବିଦ୍ୟାଳୟର କୁଳାଧିପତି ଏହି ସମାବର୍ତ୍ତନ ଉତ୍ସବରେ ଯୋଗ ଦେଇପାରି ନ ଥିଲେ। ସମାବର୍ତ୍ତନ ଉତ୍ସବରେ ମୋଟ ୧,୩୦୬ ଛାତ୍ରୀଛାତ୍ରଙ୍କୁ ବିଭିନ୍ନ ବିଭାଗରେ ଡିଗ୍ରୀ ପ୍ରଦାନ କରାଯାଇଥିଲା। ସେଥିମଧ୍ୟରେ ୩୯ ଜଣ ପିଏଚ୍.ଡି, ୧୧୪ ଜଣ ଏମ୍.ଟେକ୍, ୩୪ ଜଣ ଏମ୍‌ସିଏ, ୫୪ ଜଣ ଏମ୍.ଏସ୍‌ସି, ୩୩ ଜଣ ଇଣ୍ଟିଗ୍ରେଟେଡ୍ ଏମ୍.ଏସ୍‌ସି, ୧,୦୨୧ ଜଣ ବି.ଟେକ୍, ୧୦ ଜଣ ବି. ଆର୍କ ଏବଂ ଜଣେ ଇଣ୍ଟିଗ୍ରେଟେଡ୍ ବି.ଟେକ୍ ଓ ଏମ୍.ଟେକ୍ ଡୁଆଲ ଡିଗ୍ରୀ ଛାତ୍ରୀଛାତ୍ର ରହିଛନ୍ତି। ସେହିପରି ଶୈକ୍ଷିକ ଉତ୍କର୍ଷ ଏବଂ ଅସାଧାରଣ ପ୍ରଦର୍ଶନ ସ୍ୱୀକୃତି ସ୍ୱରୂପ ବିଶ୍ୱବିଦ୍ୟାଳୟ ପକ୍ଷରୁ ୨୭ଟି ବିଶ୍ୱବିଦ୍ୟାଳୟ ସ୍ୱର୍ଣ୍ଣ ପଦକ, ୮ଟି ଦାତା(ଡୋନର୍) ସ୍ୱର୍ଣ୍ଣ ପଦକ ଏବଂ ୩୦ଟି ସାର୍ଟିଫିକେଟ ଅଫ୍ ମେରିଟ୍ ପ୍ରଦାନ କରାଯାଇଛି। କାର୍ଯ୍ୟକ୍ରମକୁ ସମାବର୍ତ୍ତନ ଉତ୍ସବ ପିଆଇସି ସଞ୍ଜୟ ଅଗ୍ରୱାଲ ପରିଚାଳନା କରିଥିଲେ।